# NATIONAL NEWS BULLETIN (ODIA)
## 6 October - 2024
## Evening Bulletin : 7.15 p.m.

********************************

## ମୁଖ୍ୟ ସମ୍ବାଦ

- ପାଞ୍ଚ ଦିନିଆ ଭାରତ ଗସ୍ତରେ ଆସି ନୂଆଦିଲ୍ଲୀରେ ପହଁଞ୍ଚିଲେ ମାଳଦ୍ୱୀପ ରାଷ୍ଟ୍ରପତି ମହମ୍ମଦ ମୁଇଜ୍ଜୁ।
- ବିଶ୍ୱ ରାଜନୀତି ପ୍ରତି ଅଧିକ ଦାୟିତ୍ୱବୋଧ ଥିବା ଏକ ଦେଶଭାବେ ପରିଗଣିତ ହେଉଛି ଭାରତ; କହିଲେ ବୈଦେଶିକ ବ୍ୟାପାର ମନ୍ତ୍ରୀ।
- ହରିୟାଣା ବିଧାନସଭା ନିର୍ବାଚନରେ ୬୬ ଦଶମିକ ୯/୬ ପ୍ରତିଶତ ମତଦାନ ସୂଚନା।

– ମଙ୍ଗଳବାର ଦିନ ଉଭୟ ହରିୟାଣା ଏବଂ ଜାମ୍ମୁ-କାଶ୍ମୀର ନିର୍ବାଚନର ହେବ ମତଗଣନା।

- ଇସ୍ରାଏଲ ଉପରେ ହମାସ ଆକ୍ରମଣକୁ ଆସନ୍ତାକାଲି ପୂରିବ ଏକ ବର୍ଷ।

– ଗାଜା ଏବଂ ମଧ୍ୟପ୍ରାଚ୍ୟରେ ହିଂସା ବନ୍ଦ ଦାବିରେ ବିଶ୍ୱର ପ୍ରମୁଖ ସହରରେ ରାଲି ଆୟୋଜିତ।

ଏବଂ

- ମହିଳା ଟି-୨୦ ବିଶ୍ୱକପ୍‌ରେ ପାକିସ୍ତାନକୁ ୬ ଓ୍ୱିକେଟ୍‌ରେ ପରାସ୍ତ କଲା ଭାରତ ।

– ଗ୍ୱାଲିୟରଠାରେ ଆରମ୍ଭ ହେଲା ଭାରତ-ବାଂଲାଦେଶ ପ୍ରଥମ ପୁରୁଷ ଟି-୨୦ ମ୍ୟାଚ୍ ।

## ମାଲଦ୍ୱୀପ ପ୍ରେସିଡେଣ୍ଟ ଆରାଇଭ୍‌ସ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନିମନ୍ତ୍ରଣକ୍ରମେ ମାଲଦ୍ୱୀପ ରାଷ୍ଟ୍ରପତି ମହମ୍ମଦ ମୁଇଜ୍ଜୁ ୫ ଦିନିଆ ସରକାରୀ ଗସ୍ତରେ ଆଜି ନୂଆଦିଲ୍ଲୀରେ ପହଞ୍ଚିଛନ୍ତି । ଦାୟିତ୍ୱ ଗ୍ରହଣ କରିବା ପରେ ଏହା ତାଙ୍କର ପ୍ରଥମ ଭାରତ ଗସ୍ତ । ଗସ୍ତ ସମୟରେ ସେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଭାରତ ସରକାରଙ୍କ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ଉଚ୍ଚସ୍ତରୀୟ ବୈଠକ କରିବାର କାର୍ଯ୍ୟକ୍ରମ ରହିଛି । ସନ୍ଧ୍ୟାରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଏହି ଗସ୍ତରେ ଆସିଥିବା ବରିଷ୍ଠ ଅଧିକାରୀମାନଙ୍କୁ ସାକ୍ଷାତ କରିବେ । ସୋମବାର ଦିନ ଶ୍ରୀ ମୁଇଜ୍ଜୁଙ୍କୁ ରାଷ୍ଟ୍ରପତି ଭବନରେ ଆନୁଷ୍ଠାନିକ ଭାବେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବ ।

ହାଇଦ୍ରାବାଦ ହାଉସରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବା ପୂର୍ବରୁ ଶ୍ରୀ ମୁଇଜ୍ଜୁ ରାଜଘାଟ ଯାଇ ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବେ । ପରେ ସେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ଙ୍କୁ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି ।

ମାଳଦ୍ୱୀପ ରାଷ୍ଟ୍ରପତିଙ୍କ ସହିତ ସେଠାକାର ପ୍ରଥମ ମହିଳା ସାଜିଦା ମହମ୍ମଦ ଏବଂ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ମଙ୍ଗଳବାର ଦିନ ଆଗ୍ରା ଗସ୍ତ କରିବେ। ବ୍ୟବସାୟିକ କାର୍ଯ୍ୟ ପାଇଁ ସେ ମୁମ୍ବାଇ ଓ ବେଙ୍ଗାଲୁରୁ ମଧ୍ୟ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି।

## ଜୟଶଙ୍କର- କୌଟଲ୍ୟ ଇକୋନୋମିକ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଆଜି କହିଛନ୍ତି, କ୍ୱାଡ୍ ସଂସ୍ଥାଗତ ସହଯୋଗର ସମସ୍ତ ପାରମ୍ପରିକ ମଡେଲକୁ ଅଗ୍ରାହ୍ୟ କରୁଛି ଏବଂ ସେଥିପାଇଁ ଏହା ଅତ୍ୟନ୍ତ ଅଭିନବ ପାଲଟିଛି। ନୂଆଦିଲ୍ଲୀରେ ଅନୁଷ୍ଠିତ ତୃତୀୟ କୌଟିଲ୍ୟ ଅର୍ଥନୈତିକ ସମ୍ମିଳନୀରେ ଏକ ଆଲୋଚନାରେ ମନ୍ତ୍ରୀ ଦର୍ଶାଇଛନ୍ତି, କ୍ୱାଡ ଏକ ଚୁକ୍ତିଭିତ୍ତିକ ସଂଗଠନ ନୁହେଁ। ସେ କହିଛନ୍ତି, ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ କ୍ୱାଡ୍ ଅନ୍ୟତମ ପ୍ରମୁଖ ବ୍ୟବସ୍ଥା ଭଳି କାର୍ଯ୍ୟ କରୁଛି।

ବୈଦେଶିକ ବ୍ୟାପାର ମନ୍ତ୍ରୀ ଜୋର ଦେଇ କହିଛନ୍ତି, ଏହା ଗୁରୁତ୍ୱପୂର୍ଣ୍ଣ ଯେ ଭାରତ ସମସ୍ତ ପ୍ରମୁଖ ଦେଶ ସହ ଯୋଡ଼ି ହୋଇ ରହିଛି ଏବଂ ବିଶ୍ୱ ରାଜନୀତି ପ୍ରତି ଅଧିକ ଦାୟିତ୍ୱବୋଧ ଥିବା ଏକ ଦେଶ ଭାବରେ ପରିଗଣିତ ହେଉଛି । ଆଜିର ଯୁଗରେ ଯେଉଁ ଦେଶମାନେ ପରିବର୍ତ୍ତନ ଆଣିପାରିବେ, ସେମାନେ ଏହା କରିବାକୁ ଚେଷ୍ଟା କରିବା

ଉଚିତ ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି। ବର୍ତ୍ତମାନ ବିଶ୍ୱ ସମ୍ମୁଖୀନ ହେଉଥିବା ସମସ୍ୟା ସମ୍ପର୍କରେ ଡକ୍ଟର ଜୟଶଙ୍କର କହିଛନ୍ତି, ଏହା ସ୍ପଷ୍ଟ ଯେ ଜଗତୀକରଣର ସ୍ତର ଏପରି ସ୍ଥିତିରେ ପହଞ୍ଚିଛି ଯେଉଁଠାରେ କୌଣସି ଅଞ୍ଚଳରେ କୌଣସି ଗମ୍ଭୀର ସମସ୍ୟାକୁ ନିୟନ୍ତ୍ରଣ କରିବା କଷ୍ଟକର ।

ଜାତିସଂଘ ପ୍ରସଙ୍ଗରେ ସୂଚନା ଦେଇ ଡକ୍ଟର ଜୟଶଙ୍କର କହିଛନ୍ତି, ଏହା ଏକ ପୁରୁଣା କମ୍ପାନୀ ଭଳି, ଯାହା ସମ୍ପୂର୍ଣ୍ଣ ଭାବେ ବଜାର ସହ ତାଳମେଳ ରଖୁନାହିଁ, କିନ୍ତୁ ଜାଗା ଦଖଲ କରୁଛି। ସେ କହିଛନ୍ତି, ଜାତିସଂଘ ରହିବ, କିନ୍ତୁ ସେଠାରେ ଅଣ-ଜାତିସଂଘ ସ୍ଥାନ ବୃଦ୍ଧି ପାଉଛି, ଯାହା ସକ୍ରିୟ ସ୍ଥାନ ଦଖଲ କରିଛି।

ବିଶ୍ୱ ବ୍ୟବସ୍ଥାରେ କୃତ୍ରିମ ବୁଦ୍ଧିମତା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ଯାଉଛି। ଡକ୍ଟର ଜୟଶଙ୍କର, କୃତ୍ରିମ ବୁଦ୍ଧିମତାର ଆଧିପତ୍ୟ ପାଇଁ ହେଉଥିବା ପ୍ରତିଯୋଗିତାକୁ ଶୀତଳ ଯୁଦ୍ଧ କାଳର ପରମାଣୁ ଅସ୍ତ୍ରଶସ୍ତ୍ର ପ୍ରତିଯୋଗିତା ସହ ତୁଳନା କରିଥିଲେ। ଏଥିରେ ଯିଏ ଅଗ୍ରଣୀ ହେବ, ସେ ବିଶ୍ୱ ବ୍ୟବସ୍ଥାରେ ବହୁତ ଲାଭବାନ ହେବ ବୋଲି ସେ କହିଥିଲେ।

କୌଟିଲ୍ୟ ଅର୍ଥନୈତିକ ସମ୍ମିଳନୀରେ ପ୍ରାୟ ୧୫୦ ଜଣ ଜାତୀୟ ଓ ଅନ୍ତର୍ଜାତୀୟ ଶିକ୍ଷାବିତ୍ ଏବଂ ନୀତି ନିର୍ଦ୍ଧାରକ ସାମିଲ ହୋଇ ଭାରତୀୟ ଅର୍ଥନୀତି ଏବଂ ଗ୍ଲୋବାଲ ସାଉଥର ଅର୍ଥନୀତି ସମ୍ମୁଖୀନ ହେଉଥିବା କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି।

# ହରିୟାଣା-ଜେକେ ଇଲେକସନ୍

ହରିୟାଣାରେ ଗତକାଲି ହୋଇଥିଲା ବିଧାନସଭା ନିର୍ବାଚନରେ ୬୬ ଦଶମିକ ୯/୬ ପ୍ରତିଶତ ମତଦାନ ହୋଇଛି। ନିର୍ବାଚନ ଆୟୋଗଙ୍କ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଫତେହାବାଦ୍ ଜିଲ୍ଲାରେ ସର୍ବାଧିକ ୭୪ ଦଶମିକ ୫/୧ ପ୍ରତିଶତ ମତଦାନ ହୋଇଥିବା ବେଳେ ଫରିଦାବାଦ ଜିଲ୍ଲାରେ ସର୍ବନିମ୍ନ ୫୫ ଦଶମିକ ୪/୬ ପ୍ରତିଶତ ମତଦାନ ହୋଇଛି। ଚଳିତ ମାସ ୮ ତାରିଖ ଦିନ ଭୋଟ୍ ଗଣତି ହେବ।

ଗତକାଲି ମତଦାନ ଶେଷ ହେବା ପରେ ଇଭିଏମ୍‌ଗୁଡ଼ିକୁ କଡ଼ା ସୁରକ୍ଷା ମଧ୍ୟରେ ଷ୍ଟ୍ରଙ୍ଗ୍ ରୁମ୍‌ରେ ରଖାଯାଇଛି। ସାଧାରଣ ପର୍ଯ୍ୟବେକ୍ଷକଙ୍କ ଉପସ୍ଥିତିରେ ଷ୍ଟ୍ରଙ୍ଗ୍ ରୁମ୍‌ରେ ଇଭିଏମ୍ ରଖାଯାଇ ସିଲ୍ କରାଯାଇଛି। ଏହି ଅବସରରେ ବିଭିନ୍ନ ରାଜନୈତିକ ଦଳର ନେତାମାନେ ଉପସ୍ଥିତ ଥିଲେ। ହରିୟାଣାର ମୁଖ୍ୟ ନିର୍ବାଚନ ଅଧିକାରୀ ପଙ୍କଜ ଅଗ୍ରୱାଲ କହିଛନ୍ତି, ଇଭିଏମ୍ ଗୁଡ଼ିକୁ ତ୍ରିସ୍ତରୀୟ ସୁରକ୍ଷାରେ ରଖାଯାଇଛି। ସେଗୁଡ଼ିକର ସୁରକ୍ଷା ପାଇଁ ହରିୟାଣା ପୁଲିସ ସହ ଅର୍ଦ୍ଧସାମରିକ ବାହିନୀ ମୁତୟନ ହୋଇଛନ୍ତି।

ସେହିପରି ଜାମ୍ମୁ କାଶ୍ମୀରରେ ଆସନ୍ତା ୮ ତାରିଖ ଦିନ ହେବାକୁ ଥିବା ଭୋଟ୍ ଗଣତି ପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଏଥିପାଇଁ ତ୍ରିସ୍ତରୀୟ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଭୋଟ୍‌ଗଣତି କେନ୍ଦ୍ର ଗୁଡ଼ିକରେ ପାନୀୟଜଳ, ଶୌଚାଳୟ, ପ୍ରତୀକ୍ଷାଳୟ ଭଳି

ଆବଶ୍ୟକୀୟ ମୌଳିକ ବ୍ୟବସ୍ଥା କରାଯାଇଛି । ସୂଚନାଯୋଗ୍ୟ ଜାମ୍ମୁ କାଶ୍ମୀରରେ ୩୭୦ ଧାରା ଉଚ୍ଛେଦ ପରେ ପ୍ରଥମଥର ପାଇଁ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଛି । ପ୍ରାୟ ଏକଦଶନ୍ଧି ପରେ ଅନୁଷ୍ଠିତ ହେଉଥିବା ଏହି ନିର୍ବାଚନରେ ୬୩ ଦଶମିକ ୮/୮ ପ୍ରତିଶତ ମତଦାନ ହୋଇଥିଲା । ୬୪ ଦଶମିକ ୬/୮ ପ୍ରତିଶତ ପୁରୁଷ ମତଦାତା ଭୋଟ୍ ଦେଇଥିବାବେଳେ ୬୩ ଦଶମିକ ୦/୪ ପ୍ରତିଶତ ମହିଳା ଭୋଟ୍‌ଦାତା ମତଦାନ କରିଥିଲେ ।

# ମୁମ୍ବାଇ ଫାୟାର

ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଆଜି ମୁମ୍ବାଇର ଚେମ୍ବୁର ଅଞ୍ଚଳରେ ଅଗ୍ନିକାଣ୍ଡ ଘଟଣାସ୍ଥଳ ପରିଦର୍ଶନ କରିବା ସହ ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ଘୋଷଣା କରିଛନ୍ତି। ଅଗ୍ନିକାଣ୍ଡରେ ଆହତ ହୋଇଥିବା ଦୁଇ ଜଣଙ୍କୁ ସରକାର ମାଗଣା ଚିକିତ୍ସା ଯୋଗାଇଦେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଆଜି ଏକ ଦୁଇ ମହଲା କୋଠାର ତଳ ମହଲାରେ ଥିବା ଏକ ଦୋକାନରେ ସର୍ଟସର୍କିଟ୍ ଯୋଗୁଁ ଅଗ୍ନିକାଣ୍ଡ ଘଟି ୩ ନାବାଳକଙ୍କ ସମେତ ଗୋଟିଏ ପରିବାରର ୭ ଜଣଙ୍କ ମୃତ୍ୟୁ ଘଟିଥିଲା।

ଘଟଣାରେ ଦୁଃଖ ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଦୁର୍ଘଟଣାର କାରଣ ପ୍ରଶାସନ ଦ୍ୱାରା ସଠିକ୍ ଭାବେ ଅନୁସନ୍ଧାନ କରାଯିବ ଏବଂ

ଭବିଷ୍ୟତରେ ଏଭଳି ଘଟଣାକୁ ଏଡ଼ାଇବା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ।

## ୟୁପି କୁମ୍ଭ ଲୋଗୋ

ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଆଜି ପ୍ରୟାଗରାଜଠାରେ ହେବାକୁ ଥିବା ୨୦୨୫ ମହାକୁମ୍ଭ ପାଇଁ ନୂଆ ଲୋଗୋ ଉନ୍ମୋଚନ କରିଛନ୍ତି। ଏହି ଲୋଗୋ ଧାର୍ମିକ ଓ ଅର୍ଥନୈତିକ ସମୃଦ୍ଧିର ପ୍ରତୀକ ହୋଇଥିବା ବେଳେ ପୌରାଣିକ ସମୁଦ୍ର ମନ୍ଥନର ପବିତ୍ର ପାତ୍ର ଅମୃତ କଳଶର ଚିତ୍ର ରହିଛି। ସନାତନ ସଭ୍ୟତାରେ ପ୍ରକୃତି ଓ ମାନବିକତାର ସଂଗମକୁ ପ୍ରତିନିଧିତ୍ୱ କରୁଥିବା ଏକ ମନ୍ଦିର, ଜଣେ ସାଧୁ, କଳଶ, ଅକ୍ଷୟବଟ ବୃକ୍ଷ ଏବଂ ଭଗବାନ ହନୁମାନଙ୍କ ପ୍ରତିମୂର୍ତ୍ତି ଏହି ଲୋଗୋରେ ରହିଛି। ଏହା ମଧ୍ୟ ଆତ୍ମସଚେତନତା ଏବଂ ଜନକଲ୍ୟାଣର ନିରନ୍ତର ପ୍ରବାହକୁ ପ୍ରତିଫଳିତ କରୁଛି, ଯାହା ୨୦୨୫ ମହାକୁମ୍ଭ ପାଇଁ ପ୍ରେରଣାଦାୟକ ପ୍ରତୀକ ହେବ। ୟୁନେସ୍କୋ ଦ୍ୱାରା ସ୍ୱୀକୃତିପ୍ରାପ୍ତ କୁମ୍ଭ ମେଳାକୁ 'ମାନବିକତାର ଅମୂର୍ତ୍ତ ସାଂସ୍କୃତିକ ଐତିହ୍ୟ' ଭାବେ ମାନ୍ୟତା ପାଇଛି।

## ପ୍ରୋଟେଷ୍ଟ ଇସ୍ରାଏଲ-ଗାଜା ୱାର୍

ଇସ୍ରାଏଲ ଉପରେ ହମାସ ଆକ୍ରମଣକୁ ଆସନ୍ତାକାଲି ଏକ ବର୍ଷ ପୂରଣ ହେଉଥିବା ବେଳେ ଗାଜା ଏବଂ ମଧ୍ୟପ୍ରାଚ୍ୟରେ ହିଂସା ବନ୍ଦ କରିବାକୁ ଦାବି

କରି ହଜାର ହଜାର ବିକ୍ଷୋଭକାରୀ ଆଜି ବିଶ୍ୱର ପ୍ରମୁଖ ସହରମାନଙ୍କରେ ରାଲି କରିଛନ୍ତି। ହଜାର ହଜାର ସଂଖ୍ୟାରେ ପାଲେଷ୍ଟାଇନ ସମର୍ଥକ ବିକ୍ଷୋଭକାରୀ କେନ୍ଦ୍ରୀୟ ଲଣ୍ଡନ ଦେଇ ପଦଯାତ୍ରା କରିଥିବା ବେଳେ ପ୍ୟାରିସ, ରୋମ, ମାନିଲା, କେପଟାଉନ ଏବଂ ନ୍ୟୁୟର୍କ ସହରରେ ମଧ୍ୟ ସମାବେଶ ହୋଇଛି। ୨୦୨୩, ଅକ୍ଟୋବର ୭ରେ ହମାସର ଆକ୍ରମଣରେ ୧ ହଜାର ୨୦୦ରୁ ଅଧିକ ଇସ୍ରାଏଲ ନାଗରିକଙ୍କ ମୃତ୍ୟୁ ଘଟିଥିଲା। ସେହି ଘଟଣାରେ ହମାସ ଅନେକ ନାଗରିକଙ୍କୁ ବନ୍ଦୀ କରି ରଖିବା ପରେ ସଂଘର୍ଷ ତୀବ୍ର ହୋଇଥିଲା। ପ୍ରତିଶୋଧ ସ୍ୱରୂପ ଗାଜାରେ ଇସ୍ରାଏଲର ସାମରିକ କାର୍ଯ୍ୟାନୁଷ୍ଠାନ ଯୋଗୁଁ ପାଖାପାଖି ୪୨ ହଜାର  ପାଲେଷ୍ଟାଇନ ନାଗରିକଙ୍କ ମୃତ୍ୟୁ ଘଟିଛି। ଏହାଛଡ଼ା ୨ ଦଶମିକ ୩ ନିୟୁତ ଲୋକ ବିସ୍ଥାପିତ ହୋଇଛନ୍ତି।

## ଏସ୍ଏଲ୍ ଇଷ୍ଟର ଆଟାକ

ଶ୍ରୀଲଙ୍କା ରାଷ୍ଟ୍ରପତି ଅନୁରା କୁମାର ଦିସାନାୟକେ ଘୋଷଣା କରିଛନ୍ତି, ଇଷ୍ଟର ସଣ୍ଡେ ଆକ୍ରମଣର ତଦନ୍ତ ତ୍ୱରାନ୍ୱିତ କରାଯିବ। ୨୦୧୯ ଇଷ୍ଟର ଆକ୍ରମଣରେ ପ୍ରାଣ ହରାଇଥିବା ଲୋକଙ୍କ ପରିବାର ସହ ନେଗମ୍ବୋରେ ଆଲୋଚନା କରିବା ଅବସରରେ ରାଷ୍ଟ୍ରପତି କହିଛନ୍ତି, ଶ୍ରୀଲଙ୍କାରେ ଯେଭଳି ଆଉ ଏଭଳି ଦୁଃଖଦ ଘଟଣା ନ ଘଟେ ସେଥିପାଇଁ

ପଦକ୍ଷେପ ନିଆଯିବ। ପୀଡ଼ିତମାନଙ୍କୁ ନ୍ୟାୟ ଦିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

ରାଷ୍ଟ୍ରପତି କହିଛନ୍ତି, ଏହି ଘଟଣାର ସମ୍ପୂର୍ଣ୍ଣ ଭାବେ ନିରପେକ୍ଷତା ସହ କରାଯିବ। ଆଜି ସକାଳେ ରାଷ୍ଟ୍ରପତି ଚର୍ଚ୍ଚ ପରିଦର୍ଶନ କରି ମୃତକଙ୍କ ସମ୍ମାନରେ ସ୍ଥାପିତ ସ୍ମାରକୀରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ, ୨୦୧୯ ଏପ୍ରିଲ ୨୧ ତାରିଖରେ ହୋଇଥିବା ଇଷ୍ଟର ସଣ୍ଡେ ଆକ୍ରମଣରେ ୨୭୪ ଜଣଙ୍କ ମୃତ୍ୟୁ ହୋଇଥିଲା ଓ ଏଥିରେ ଅନେକ ଆହତ ହୋଇଥିଲେ। ଶ୍ରୀଲଙ୍କା ଇତିହାସରେ ଏହା ସବୁଠାରୁ ଦୁଃଖଦାୟକ ଘଟଣା ଥିଲା।

# ହରିକେନ ହେଲେନ

ସାମୁଦ୍ରିକ ଝଡ଼ ହେଲେନ୍ ପ୍ରଭାବରେ ଆମେରିକାର ସର୍ବାଧିକ ସାଲାଇନ୍ ଉତ୍ପାଦନକ୍ଷମ କାରଖାନାରେ ଉତ୍ପାଦନ ବନ୍ଦ ରହିବା ଯୋଗୁଁ ସେଠାକାର ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ ଗୁରୁତର ପ୍ରଭାବ ପଡ଼ିଛି। ଯୁକ୍ତରାଷ୍ଟ୍ର ଆମେରିକାର ବିଭିନ୍ନ ଡାକ୍ତରଖାନାରେ ସାଲାଇନ୍‌ର ଘୋର ଅଭାବ ଦେଖା ଦେଇଛି। ଉତ୍ତର କ୍ୟାରୋଲିନାରେ ଥିବା ବାକ୍ସଟର ଇଣ୍ଟରନ୍ୟାସନାଲ କାରଖାନାରେ ଗତକାଲି ଉତ୍ପାଦନ ବନ୍ଦ ରହିଥିଲା। ହେଲେନ୍ ବାତ୍ୟା ଯୋଗୁଁ ସମ୍ପୃକ୍ତ କାରଖାନାରେ ଭୟଙ୍କର ବନ୍ୟା ପରିସ୍ଥିତି ସୃଷ୍ଟି ହେବା ଫଳରେ ଉତ୍ପାଦନ ଏବଂ ଯୋଗାଣ ବାଧାପ୍ରାପ୍ତ ହୋଇଛି। ଯୁକ୍ତରାଷ୍ଟ୍ର

ଆମେରିକାରେ ବ୍ୟବହୃତ ସାଲାଇନ୍‌ର ପ୍ରାୟ ୬୦ ପ୍ରତିଶତ ଏହି କାରଖାନାରେ ଉତ୍ପାଦନ ହୋଇଥାଏ। କାଲିଫର୍ଣ୍ଣିଆ ହସପିଟାଲ ଆସୋସିଏସନ ଅନୁଯାୟୀ, ଅନେକ ହସ୍ପିଟାଲ ବକ୍ସଟରଠାରୁ ସେମାନଙ୍କର ସ୍ୱାଭାବିକ ଯୋଗାଣର ମାତ୍ର ୪୦ ପ୍ରତିଶତ ପାଇବେ ବୋଲି ଅନୁମାନ କରାଯାଉଛି। ତେବେ ଦେଶବ୍ୟାପୀ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଚଳାଇ ରଖିବା ଲାଗି ଏହାର ବିକଳ୍ପ ଅନୁସନ୍ଧାନ କରାଯାଉଥିବା ଜଣାପଡ଼ିଛି।

# ୱିମେନ୍ ଟି-୨୦ ବିଶ୍ୱକପ୍

ଦୁବାଇରେ ଚାଲିଥିବା ମହିଳା ଟି-୨୦ ବିଶ୍ୱକପ୍‌ରେ ଆଜି ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ୬ ୱିକେଟ୍‌ରେ ପାକିସ୍ତାନକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ୍ ହରାଇ ୧୦୫ ରନ୍ କରିଥିଲା। ପାକିସ୍ତାନ ପକ୍ଷରୁ ନିଦା ଦାର ସର୍ବାଧିକ ୨୮ ରନ୍ କରିଥିଲେ। ୧୦୬ ରନ୍‌ର ପିଛା କରି ଭାରତ ୧୮ଓଭର ୫ଟି ବଲ୍‌ରେ ୪ ୱିକେଟ୍ ବିନିମୟରେ ୧୦୮ ରନ୍ ସଂଗ୍ରହ କରିଥିଲେ। ସେଫାଳି ବର୍ମା ସର୍ବାଧିକ ୩୨ ରନ୍ ସ୍କୋର କରିଥିଲେ। ଆଜି ଅନ୍ୟ ଏକ ମ୍ୟାଚ୍‌ରେ ଭାରତୀୟ ସମୟ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ୱେଷ୍ଟଇଣ୍ଡିଜ୍ ଏବଂ ସ୍କଟଲାଣ୍ଡ ମଧ୍ୟରେ ମୁକାବିଲା ହେବ।

ଗ୍ୱାଲିୟରର ନ୍ୟୁମାଧବ ରାଓ ସିନ୍ଧିଆ କ୍ରିକେଟ ଷ୍ଟାଡିୟମ୍‌ରେ ଭାରତ ଓ ବାଂଲାଦେଶ ମଧ୍ୟରେ ପ୍ରଥମ ପୁରୁଷ ଟି-୨୦ ମ୍ୟାଚ୍ ଆରମ୍ଭ ହୋଇଛି।

ଭାରତ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି। ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ବାଂଲାଦେଶ ୧ ଓଭରରେ ୧ ୱିକେଟ୍ ହରାଇ ୬ ରନ୍ କରିଛି।